### ଆଦର୍ଶ ଗାଈଗୁହାଳରେ ବଡ଼ କାରନାମା

# ବିସ୍ଫୋରକ ସାମଗ୍ରୀ ଗୋଦାମରେ ଚଢ଼ଉ; ବିପୁଳ ମାତ୍ରାରେ ଜବତ

ଛତ୍ରପୁର,୧୬।୮ (ସମିସ)



ଚମାଖଣ୍ଡି ଥାନା ଅନ୍ତର୍ଗତ ଜଗନ୍ନାଥପୁର ନିକଟରେ ପଥରଫୁଟା କାର୍ଯ୍ୟରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ଗୋଦାମ ଗୋଦାମର ଚଢ଼ଉ କରିଛି ପୁଲିସ। ଏଠାରୁ ବିପୁଳ ପରିମାଣରେ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ସୂଚନା ମିଳିଥିବା ବେଳେ ଖବର ଲେଖାହେବା ସୁଦ୍ଧା ପୁଲିସ ପକ୍ଷରୁ ଚଢ଼ଉ ଜାରି ରହିଥିଲା। ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ପୁଲିସ ବିଭିନ୍ନ ଗାଡି ଯାଞ୍ଚ କରୁଥିଲା। ଏହି ସମୟରେ ପଥରଫୁଟା ବାରୁଦ ବା ଡିଟୋନେଟର ବିସ୍ଫୋରକ ସାମଗ୍ରୀ ଜବତ କରିଥିଲା। ତଦନ୍ତ ବେଳେ ଏହାର ଚେର ଗଞ୍ଜାମରୁ ଆରମ୍ଭ ହୋଇଥିବା ଜାଣିବାକୁ ପାଇ ଚମାଖଣ୍ଡି ଓ ତୁମୁଡିବନ୍ଧ ଥାନା ପୁଲିସ ପକ୍ଷରୁ ମିଳିତ ଛଢ଼ଉ କରାଯାଇଛି। ଚମାଖଣ୍ଡି ଥାନା ଅଧୀନ ଜଗନ୍ନାଥପୁର ଗ୍ରାମ ଶିବ ମନ୍ଦିର ନିକଟ ଏକ ଆଦର୍ଶ ଗାଈ ଗୁହାଳରୁ ବିପୁଳ ପରିମାଣର ଡିଟୋନେଟର ଜବତ କରିଛି ପୁଲିସ। ତୁମୁଡିବନ୍ଧଠାରେ ଏକ ଗାଡ଼ିରେ କିଛି ଡିଟୋନେଟର ଥିବା ଗାଡିକୁ ତୁମୁଡିବନ୍ଧ ପୁଲିସ ଜବତ କରିଥିଲା। ପରେ ଗଞ୍ଜାମ ଜିଲ୍ଲା ଜଗନ୍ନାଥପୁର ସ୍ଥିତ ଏକ ଆଦର୍ଶ ଗାଈ ଗୁହାଳରେ ପଥର ବ୍ଲାଷ୍ଟ ଡିଟୋନେଟର ରହିଥିବା ଖବର ପାଇ ଚମାଖଣ୍ଡି ଥାନା ପୁଲିସ ସହାୟତାରେ ଚଢ଼ଉ କରାଯାଇଥିଲା। ଗ୍ରାମର ଡି ମୋହନ ରେଡ୍ଡୀ ଏହାକୁ ଭଡ଼ା ଦେଇଥିବା ଜଗନ୍ନାଥପୁର ବିଟ୍ ହାଉସ ଇନଚାର୍ଜ ଅରୁଣ ରାଉତ ସୂଚନା ଦେଇଛନ୍ତି।

# ଟ୍ରକ ଦୁର୍ଘଟଣାରେ ଛାତ୍ର ମୃତ; ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ବାଲିଗୁଡା,୧୬।୮ (ସମିସ)



ଢୋ ବର୍ଷାରେ, ରାସ୍ତା ଉପରେ କଲେଜ ଛାତ୍ରଙ୍କ ମୃତ ଦେହ ରଖି ପରିବାର ଲୋକେ ରାସ୍ତାରୋକ କରିଥିଲେ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କୋଟଗଡ ମୁଖ୍ୟ ରାସ୍ତାରେ। କଲେଜରେ ସ୍ୱାଧୀନତା ଦିବସ ପାଳନ ସାରି ବାଇକରେ ଘରକୁ ଫେରୁଥିବା ବେଳେ ରାସ୍ତା ଉପରେ ମାଡିଯାଇଥିଲା ଟ୍ରକ। ଘଟଣା ସ୍ଥଳରେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଅନ୍ୟ ଜଣେ ଛାତ୍ର ଗୁରୁତର ଆହତ ହୋଇ ବାଲିଗୁଡ଼ା ମୁଖ୍ୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତ କଲେଜ ଛାତ୍ର ଜଣକ ସାର୍ତ୍ତୁଲ ଗ୍ରାମର ସ୍ୱରୂପା ନନ୍ଦ ପାଟମାଝୀ। ଗୁରୁତର ଆହତ ଜଣକ ହେଲେ ନାଡ଼ିବେଟି ପଦର ଗ୍ରାମର କର୍ନେଲ ମଲିକ। ମୃତ ଛାତ୍ରଙ୍କ ପରିବାର ଲୋକେ କୋଟଗଡ଼ ମୁଖ୍ୟ ରାସ୍ତାରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକ କରିଥିଲେ। ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ କୋଟଗଡ଼ ପୁଲିସ ଟ୍ରକକୁ ଜବତ କରିଛି। ଉତ୍ତ୍ୟକ୍ତ ପରିବାର ଲୋକଙ୍କୁ ସ୍ଥାନୀୟ ପୁଲିସ ଓ ବିଡିଓ ,ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା।

### ● ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ

## ପ୍ରଧାନ ଶିକ୍ଷକଙ୍କୁ ୪ ବର୍ଷ ଜେଲ୍

ଫୁଲବାଣୀ,୧୬।୮ (ସମିସ): ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତୁମୁଡ଼ିବନ୍ଧ ବ୍ଲକ ରଙ୍ଗାପାରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ନାୟକଙ୍କୁ ଚାରି ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୪ ମାସ ଜେଲ୍ ଦଣ୍ଡାଦେଶ ନେଇ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁଯାୟୀ, ସୁବାସ ଗତ ୨୦୧୫ରେ ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଏହି ସମୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଆସିଥିବା ସରକାରୀ ଅନୁଦାନରୁ ସେ ୨ଲକ୍ଷ ୪୯ ହଜାର ୩୪୧ ଟଙ୍କା ଆତ୍ମସାତ ଅଭିଯୋଗପରେ ଭିଜିଲାନ୍ସ ତଦନ୍ତ କରି ତାଙ୍କ ବିରୋଧରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରିଥିଲା। ଆଜି ଏହି ମାମଲାର ଶୁଣାଣି କରି ଭିଜିଲାନ୍ସ ଅଦାଲତ ବିଚାରପତି ରାଜେଶ ଦାଶ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭି ଭି ରାମଦାଶ ମାମଲା ପରିଚାଳନା କରୁଥିଲେ।

## ୩ଶହ ଗ୍ରାମର ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର,୧୬।୮ (ସମିସ): ଭାବିନିପୁର ଲକ୍ଷ୍ମୀନୃସିଂହ ସାହିରେ ରହୁଥିବା ଅଭିଜିତ ପାଢ଼ୀଙ୍କ ଘରୁ ୩୦୦ଗ୍ରାମର ସୁନା ଅଳଙ୍କାର ଚୋରି ହୋଇଥିବା ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ଅଭିଜିତ ପାଢ଼ୀ ତାଙ୍କ ଭଉଣୀ ଓ ଭଣଜା ରହୁଛନ୍ତି। ଘର ଭିତରେ ଥିବା ଏକ ଲକରରେ ସେ ୨୫୦ରୁ ୩୦୦ଗ୍ରାମର ସୁନା ଅଳଙ୍କାର ରଖିଥିଲେ। କିଛିଦିନ ପୂର୍ବେ ସେ ଲକର ଖୋଲି ଦେଖିବାରୁ ଗହଣା ନଥିଲା। ସେ ଭଉଣୀ ଓ ଭଣଜାକୁ ପଚାରିବାରୁ ସେ ଜାଣିନଥିବା କହିଥିଲେ। ଘରର ତାଲା ଠିକ୍‌ଠାକ୍ ଥିବାବେଳେ ତାଙ୍କ ଭଉଣୀ ଓ ଭଣଜା ଚୋରି କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

## ନାବାଳିକାକୁ ଅସଦାଚରଣ; ଯୁବକ ଗିରଫ

ବ୍ରହ୍ମପୁର,୧୬।୮ (ସମିସ): ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଓ ତାଙ୍କ ପିତାଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ପୁଲିସ ଉକ୍ତ ଥାନା ଇଲାକାର ରାଜେଶ ବିଷୋୟୀ (୧୮)ଙ୍କୁ ଗିରଫ କରିଛି। କିଛିଦିନ ହେଲା ରାଜେଶ ସମ୍ପୃକ୍ତ ନାବାଳିକାକୁ ରାସ୍ତାରେ କମେଣ୍ଟ କରିବା ସହ ଅସଦାରଚରଣ କରିଥିଲା। ନାବାଳିକାଙ୍କ ପିତା ରାଜେଶଙ୍କୁ ତାଗିଦ କରିବାରୁ ସେ ଏଥିରୁ ନିବୃତ୍ତ ରହିବା ପରିବର୍ତ୍ତେ ଧମକ ଦେଇଥିଲେ। ଥାନାରେ ଅଭିଯୋଗ ପରେ ଅଭିଯୁକ୍ତକୁ ଗିରଫ କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

### ହୋମଗାର୍ଡ ପରୀକ୍ଷା ଫଳ ପ୍ରକାଶ, ନିଯୁକ୍ତପତ୍ର ପ୍ରଦାନ

# ଚୟନରେ ଅନିୟମିତତାକୁ ନେଇ ଅଭିଯୋଗ ମାଳମାଳ

ପାରଳାଖେମୁଣ୍ଡି,୧୬।୮ (ସମିସ)

ଗଜପତି ଜିଲ୍ଲାରେ ୧୪୪ ହୋମଗାର୍ଡ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶାରିରୀକ, ଲିଖିତ ପରୀକ୍ଷା ହେବା ପରେ ସରକାରୀ ନିୟମ ପ୍ରକାରେ ୧୨୮ ପ୍ରାର୍ଥୀଙ୍କ ଚୟନ ତାଲିକା ପ୍ରକାଶ ପାଇଛି। ସେମାନେ ଆଜି ନିଯୁକ୍ତିପତ୍ର ମଧ୍ୟ ବେତାଗୁଡା ସ୍ଥିତ ପୁଲିସ ରିଜର୍ଭ କାର୍ଯ୍ୟାଳୟରୁ ପାଇଛନ୍ତି। କିନ୍ତୁ ଫଳାଫଳ ପ୍ରକାଶରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବାଦ୍ ପଡିଥିବା ବହୁ ପ୍ରାର୍ଥୀ ଚୟନରେ ଅନିୟମିତତା ନେଇ ଗତକାଲି ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଭେଟିବାକୁ ଆସିଥିବାବେଳେ ସେ କାର୍ଯ୍ୟବ୍ୟସ୍ତତା ଯୋଗୁ ଭେଟି ନପାରିବାରୁ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ପହଞ୍ଚି ଅସନ୍ତୁଷ୍ଟଙ୍କୁ ବୁଝାଶୁଝା କରି ପଠାଇ ଦେଇଥିଲେ। ଆଜି ପୁଣି ବହୁ ସଂଖ୍ୟାରେ ବାଦ୍ ପଡିଥିବା ପ୍ରାର୍ଥୀ ନିଯୁକ୍ତିପତ୍ର ପ୍ରଦାନ କରାଯାଉଥିବା ସ୍ଥାନକୁ ଆସି ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଥିଲେ। ଏସମ୍ପର୍କରେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସମ୍ପୂର୍ଣ୍ଣ ନିରପେକ୍ଷତାର ସହ କାର୍ଯ୍ୟ ହୋଇଛି। ସମସ୍ତ ସାକ୍ଷାତକାର ପ୍ରକ୍ରିୟା ଶେଷ ପରେ ଉଚ୍ଚ ପଦାଧୀକାରୀଙ୍କୁ ସେମାନଙ୍କ ପ୍ରଦର୍ଶନକୁ ଲିଖିତ ଭାବେ ଜଣାଇଲୁ ଏବଂ ଉପରିସ୍ଥ ଅଧିକାରୀଙ୍କ ଆଦେଶ ପାଇଲା ପରେ ହିଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି ବୋଲି କହିଛନ୍ତି। ଚୟନରେ ପୁଲିସ୍ ନିରପେକ୍ଷତା ଅବଲମ୍ବନ କରିଥିବା କହୁଥିବା ବେଳେ ଅଭିଯୋଗ କରି କୌଣସି ସୁଫଳ ନମିଳିବାରୁ ଦକ୍ଷତା ପ୍ରତିପାଦନ କରି ନିଯୁକ୍ତିରୁ ବାଦ ପଡିଥିବା ଅଭିଯୋଗକାରୀ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ଲାଠୀରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ

କୁକୁଡ଼ାଖଣ୍ଡି,୧୬।୮ (ସମିସ)



କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମ ସ୍ଥିତ ଷୋହଳଖଣ୍ଡ ଗୋପାଳ ସମାଜ କୋଠ ଗୃହରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କୃଷ୍ଣ ଜନ୍ମଙ୍କ ବାଲ୍ୟଲୀଳା ସହ ଠାକୁରଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏଥିସହ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ସାହି ବାସିନ୍ଦାଙ୍କ ସମେତ ଆଖପାଖ ବିଭିନ୍ନ ଗ୍ରାମାଞ୍ଚଳର ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଗାଁରେ ବାସ କରୁଥିବା ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ଗୋପାଳ ପରିବାର ଏଥିରେ ସାମିଲ ହେବା ସହ ସହାୟତା କରିଥିଲେ। ଲାଠୀ ମୁଠା ସଭାପତି ରମେଶ ଚନ୍ଦ୍ର ଗୌଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ ସଭାପତି ରାମଚନ୍ଦ୍ର ଗୌଡ଼, କମିଟି ସଦସ୍ୟ କାଳୁଚରଣ ଗୌଡ଼, କୃଷ୍ଣଚନ୍ଦ୍ର ଗୌଡ଼, ଅରୁଣ କୁମାର ଗୌଡ଼, ନାରାୟଣ ଗୌଡ଼, ସୁନୀଳ ଗୌଡ଼, କାଳିଆ ଗୌଡ଼, ରୋହିତ ମହାଙ୍କୁଡ଼, ଗୋପୀନାଥ ଗୌଡ଼, ସୁଜିତ ଗୌଡ଼, ଜୟସେନ ଗୌଡ଼ଙ୍କ ସମେତ ସାହିତ ବାସିନ୍ଦା ସହଯୋଗ କରିଥିଲେ।

### ■ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ

## ଦୁଇ ଛାତ୍ରଗୋଷ୍ଠୀ ନାମରେ ମାମଲା

-ବ୍ରହ୍ମପୁର,୧୬।୮ (ସମିସ): ଛାତ୍ର ସଂସଦ ନିର୍ବାଚନକୁ ନେଇ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। କେ. ସାଇକୁମାର ଓ ବିକ୍ରମ କୁମାର ଜେନାଙ୍କ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଗତ କିଛିଦିନ ପୂର୍ବେ ଖଲ୍ଲିକୋଟ କଲେଜ ଇଲେକ୍ସନ ନାମରେ ଏକ ହ୍ୱାଟ୍ସଆପ ଗ୍ରୁପ ଖୋଲିଥିଲା। ଏଥିରେ ଏକାଧିକ ଛାତ୍ର ରହିଥିଲେ। ସାଇକୁମାର ଗୋଷ୍ଠୀର ସଦସ୍ୟମାନେ ଉକ୍ତ ଗ୍ରୁପରେ ବିକ୍ରମ ଗୋଷ୍ଠୀର ସଦସ୍ୟ ଦୀପକ ସେଠୀ, ଚନ୍ଦନ ମିଶ୍ରଙ୍କୁ ଗାଳିଗୁଲଜ କରିବା ସହ କଲେଜ ନ ଆସିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଗତ ୧୪ତାରିଖ ଦିନ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପାର୍କିଂ ନିକଟରେ ସାଇ ଓ ବିକ୍ରମ ଗୋଷ୍ଠୀ ଉକ୍ତ ମୁହାଁମୁହିଁ ହୋଇଥିଲେ। ଅନ୍ୟପକ୍ଷରେ କେ ସାଇକୁମାରଙ୍କୁ ବିକ୍ରମ କୁମାର ଗୋଷ୍ଠୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଉଭୟଙ୍କ ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ପରେ ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି।

## ପେଟ୍ରୋଲ ବ୍ୟାରେଲ୍ ଫାଟି ଜଳିଗଲା ଘର

ଛତ୍ରପୁର,୧୬।୮ (ସମିସ): ବିକ୍ରି କରିବା ପାଇଁ ଘରେ ରଖିଥିବା ପେଟ୍ରୋଲ ବ୍ୟାରେଲ ଫାଟି ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ଗ୍ରାମ ବାଲିସାହିର କୃଷ୍ଣଚନ୍ଦ୍ର ସାହୁଙ୍କ ଏକ ଘର ଜଳିଯାଇଛି। ଶୁକ୍ରବାର ସକାଳୁ ଏହି ଅଘଟଣ ଘଟିଥିବାବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘରର ବହୁ ଆସବାବପତ୍ର ସହ ଦୁଇଟି ଗାଡ଼ି ପୋଡି ନଷ୍ଟ ହୋଇଛି।

## ଗଞ୍ଜେଇ ସହ ଅଟୋ ଜବତ; ୪ ଗିରଫ

ସୋରଡ଼ା,୧୬।୮ (ସମିସ): ସୋରଡ଼ା ଅବକାରୀ ବିଭାଗ ଚଢ଼ଉ କରି ୭ ବସ୍ତାରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହିତ ସମ୍ପୃକ୍ତ ଅଟୋ ଚାଳକଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ବିଶେଷ ସୂତ୍ରରୁ ଖବର ପାଇ କରଡ଼ାବାଡ଼ିରୁ ଏକ ଯାତ୍ରିବାହୀ ଅଟୋରେ ଗଞ୍ଜେଇ ଯାଉଥିବା ବେଳେ କର୍ମଚାରୀ ଯାଞ୍ଚ କରିଥିଲେ। ସୋରଡ଼ା ଅବକାରୀ ଷ୍ଟାଫ ସହ ଆସ୍କା ଇନ୍ସପେକ୍ଟର ଡମ୍ବରୁଧର ହରିଜନ ଓ ସୋରଡ଼ା ଓଆଇସି ଦେବସ୍ମିତା ନାୟକଙ୍କ ସହ ଶ୍ରୀକୁମାର ପଣ୍ଡା, ଅଂଶୁମାନ ଜେନା, ମିଥୁନ କୁମାର ବିଶ୍ୱାଳ ଓ ଅନ୍ୟ ଅବକାରୀ କର୍ମଚାରୀ ଏହି ଚଢ଼ଉରେ ସାମିଲ ଥିଲେ।

## ଜୁଆ ଆଡ୍ଡାରୁ ୭ ଗିରଫ

ବ୍ରହ୍ମପୁର,୧୬।୮ (ସମିସ): ସ୍ଥାନୀୟ ବେଡ଼ାବନ୍ଧ ସାହିରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଗୋଷାଣୀନୂଆଗାଁ ଥାନା ପୁଲିସ ଚଢ଼ଉ କରି ୭ ଜୁଆଡ଼ିଙ୍କୁ କାବୁ କରିଛି। ସେମାନଙ୍କ ନିକଟରୁ ୮ଟି ମୋବାଇଲ, ଦୁଇଟି ବାଇକ ଓ ନଗଦ ୨୪ହଜାର ୨୨୦ଟଙ୍କା ଜବତ କରିଛି। ଗତକାଲି ରାତିରେ ଉକ୍ତ ସ୍ଥାନରେ ଜୁଆ ଖେଳ ଚାଲିଥିବାବେଳେ ପୁଲିସ ଚଢ଼ଉ କରିଥିଲା।

## ଦେଶୀ ମଦ କାରବାର; ପୁଣି ହିନ୍ଦୀ ଶିକ୍ଷକ ଗିରଫ

ବ୍ରହ୍ମପୁର,୧୬।୮ (ସମିସ): ଦେଶୀ ମଦ କାରବାର କରି ପୁଣି ଗିରଫ ହୋଇଛନ୍ତି କୁକୁଡାଖଣ୍ଡି ବ୍ଲକ ବଳରାମପଲ୍ଲୀର ହିନ୍ଦୀ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ। ଆଜି ବେଆଇନ ଭାବେ ୧୦୦ ଲିଟର ଦେଶୀ ମଦ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗର ବ୍ରହ୍ମପୁର-୨ ଅଧିକାରୀମାନେ ତାଙ୍କୁ କାବୁ କରିଛନ୍ତି। ସୁବାସ ବର୍ତ୍ତମାନ ବଉଳଖୋଳି ପଞ୍ଚାୟତ ସାତପହଣ୍ଡିଆ ସ୍ଥିତ ଶ୍ରୀ ରାଧାକୃଷ୍ଣ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ବହୁ ବର୍ଷ ଧରି ଦେଶୀ ମଦ କାରବାରରେ ସଂପୃକ୍ତ ରହି ଏକାଧିକ ଥର ଜେଲ ଯାଇଥିବା ସୁବାସଙ୍କ ବିରୋଧରେ ଶିକ୍ଷା ବିଭାଗ ପକ୍ଷରୁ କାହିଁକି ପଦକ୍ଷେପ ନିଆଯାଉ ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି।

### ଜିଲ୍ଲାର ବିକାଶ ଓ ଆଇନଶୃଙ୍ଖଳା ସ୍ଥିତିର ସୁବ୍ୟବସ୍ଥା ଦାବି

# ଏସ୍‌ପିଙ୍କୁ ଭେଟିଲା ବିଜେଡି ଜିଲ୍ଲାସ୍ତରୀୟ କମିଟି



ଛତ୍ରପୁର,୧୬।୮ (ସମିସ): ରାଜ୍ୟରେ ବିଗିଡ଼ିବାରେ ଲାଗିଛି ଆଇନଶୃଙ୍ଖଳା ପରିସ୍ଥିତି। ଗଞ୍ଜାମ ଜିଲ୍ଲାରେ ବି ଦୈନିକ ଅପରାଧିକ ଘଟଣା ଘଟୁଛି। ରାଜ୍ୟ ସରକାର ରାଜ୍ୟରେ ବିକାଶ ଓ ଆଇନଶୃଙ୍ଖଳା ପରିଚାଳନାରେ ଶତପ୍ରତିଶତ ବିଫଳ ହୋଇପଡିଛନ୍ତି ବୋଲି ଗଞ୍ଜାମ ଜିଲ୍ଲା ବିଜେଡିର ଜିଲ୍ଲାସ୍ତରୀୟ କମିଟି ଅଭିଯୋଗ କରିଛି। ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା କହିଛନ୍ତି, ରାଜ୍ୟରେ ଏବେ ଯେଉଁ ସରକାର ଅଛି ରାଜ୍ୟବାସୀଙ୍କ ବିଶ୍ୱାସକୁ ହରାଇବାକୁ ବସିଲାଣି। କୌଣସି ବିକାଶମୂଳକ କାର୍ଯ୍ୟ କରୁନାହାନ୍ତି କିମ୍ବା ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗାଡିବାକୁ ଲାଗିଲାଣି।

ନିକଟରେ ଗଞ୍ଜାମ ଜିଲ୍ଲା ଶେରଗଡ ବ୍ଲକ ଧନନ୍ତର ଫଂଚାୟତ ଲାଞ୍ଜିଆପଲ୍ଲୀ ଗ୍ରାମର ରବୀନ୍ଦ୍ର ପ୍ରଧାନ, ସନ୍ତୋଷ ପ୍ରଧାନ, କବିରାଜ ଗୌଡ, କାହ୍ନୁଚରଣ ପାତ୍ର ଏବଂ ବାବୁଲା ପ୍ରଧାନ ୫ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲେ ମଧ୍ୟ ପୁଲିସ ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଛି। ଏ ସଂକ୍ରାନ୍ତରେ ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକଙ୍କ ନେତୃତ୍ୱରେ ଏକ ଜିଲ୍ଲାସ୍ତରୀୟ କମିଟି ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କୁ ସାକ୍ଷାତ କରି ଏସଂପର୍କରେ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟକ ଡ଼ଃ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ମଞ୍ଜୁଳା ସ୍ୱାଇଁ ଓ ସୂର୍ଯ୍ୟମଣୀ ବୈଦ୍ୟ, ଆସିକା ସାଂସଦ ପ୍ରାର୍ଥୀନୀ ରଞ୍ଜିତା ସାହୁ, ସାନଖେମୁଣ୍ଡି ବିଧାୟକ ପ୍ରାର୍ଥୀନୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଚିକିଟି ବିଧାୟକ ପ୍ରାର୍ଥୀ ଶ୍ରୀରୂପ ଦେଓ, ହିଞ୍ଜିଳି ବିଧାୟକ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଯୁବ ବିଜେଡି ଜୋନ ସଭାପତି ନଚିକେତ ସ୍ୱାଇଁ, ନୀଳମଣି ପଟ୍ଟନାୟକ, ଛାତ୍ର ବିଜେଡି ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା ଓ ଛତ୍ରପୁର ଯୁବ ବିଜେଡି ବ୍ଲକ ଉପସଭାପତି କାହ୍ନୁ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

CAD-1496

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

Odisha Real Estate Regulatory Authority

ଆପଣ ଜାଣନ୍ତି କି ?

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।

ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ
ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।

Secretary, Odisha RERA
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007
Email: reraodisha@gmail.com

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
https://rera.odisha.gov.in

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/11/0014/2526

## ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

# ଇତିହାସରେ ଲିପିବଦ୍ଧ ସ୍ୱାଧୀନତା ସଂଗ୍ରାମୀଙ୍କ ପଦଧ୍ୱନୀ






ବ୍ରହ୍ମପୁର,୧୬।୮(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଉପଖଣ୍ଡସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରି ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜାତୀୟ ସଂଗ୍ରାମରେ ସାମିଲ ହୋଇ ନିଜ ଜୀବନକୁ ତିଳ ତିଳ କରି ଦେଶ ଓ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଯାଇଥିବା ସେହି ମହାମନିଷୀମାନଙ୍କୁ ସ୍ମରଣ କରିବା ସହ ତାଙ୍କ ନିଃସ୍ୱାର୍ଥପର ଦେଶସେବା ପ୍ରତି ପ୍ରଣାମ ଜଣାଇଥିଲେ। ଗଞ୍ଜାମ ଜିଲ୍ଲାର ଘୁମୁସର ବିଦ୍ରୋହ, ବେଲଗୁଣ୍ଠା ସ୍ୱାଧୀନତା ସଂଗ୍ରାମର ପଦଧ୍ୱନୀ ଏବେ ମଧ୍ୟ ଇତିହାସରେ ରଚିତ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ଼ା. ସର୍ବଣ ବିବେକ ଏମ୍, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଓ ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡସ୍ତରୀୟ ପରେଡରେ ସମୁଦାୟ ୪୨ଟି ପ୍ଲାଟୁନ୍ ଓ ୮ଟି ଦଳ ଶାରୀରିକ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପରେଡ଼ କମାଣ୍ଡର ଆରଆଇଅଫ୍ ପୁଲିସ ଏମ୍. ଲକ୍ଷ୍ମୀ ରଞ୍ଜନ ପରେଡ୍ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୁବ୍ରତ ରାମବିରାମ ଶତପଥୀଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲୋକନାଥ ଶତପଥି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉଡ଼ିଲା ତ୍ରିରଙ୍ଗା; ସଭିଏଁ ଗାଇଲେ ସ୍ୱାଧୀନତାର ଗାଥା











ସହରର ବିଭିନ୍ନ ଅନଷ୍ଠାନ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବିଜୁ ଜନତା ଦଳ ଗଞ୍ଜାମ ଜିଲ୍ଲା କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡା ପତାକା ଉତ୍ତୋଳନ କରିଥିବା ବେଳେ ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ। ସିପିଏମ ଜିଲ୍ଲା କାର୍ଯ୍ୟାଳୟରେ ବରିଷ୍ଠ ନେତା ଅଳିକିଶୋର ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଯୁଧିଷ୍ଠିର ବେହେରା ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିବପ୍ରସାଦ ମହାପାତ୍ର, ବାବୁଲା ନାୟକ, ଶ୍ରମିକନେତା ପ୍ରତାପ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପୂଜ୍ୟ ପୂଜା ସମିତି ପକ୍ଷରୁ ଅନୁଷ୍ଠିତ ସ୍ୱାଧୀନତା ଦିବସ ପାଳନରେ ସମାଜସେବୀ ହୃଷିକେଶ ପାତ୍ର, ବିଜୟ କୁମାର ପାଢ଼ୀ, ଅଶୋକ କୁମାର ଦଳାଇ, ଅବନୀ ଗୟା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆମ୍ ଆଦ୍‌ମୀ ପାର୍ଟି ଗଞ୍ଜାମ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ଆବାହକ ସୁବାଷ ଚନ୍ଦ୍ର ରାଉତ ପତାକା ଉତ୍ତୋଳନ କରିଥିବା ବେଳେ ସାମାଜିକ କାର୍ଯ୍ୟକର୍ତ୍ତା ଆଦିତ୍ୟ ରଥ ପରିଚାଳନା କରିଥିଲେ। ସେହିପରି ସ୍ଥାନୀୟ ସିଟି ହାଇ ସ୍କୁଲ ରୋଡ଼ ସ୍ଥିତ ମାନସ ଭବନ ପରିସରରେ ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। କଳାପ୍ରାଣ କୈଳାସ ପାଣିଗ୍ରାହୀ ପତାକା ଉତ୍ତୋଳନ ସହ ସଂଘୀୟ ଅଭିବାଦନ ଗ୍ରହଣ କରିଥିଲେ। ତକ୍ଷଶିଳା ବିଦ୍ୟାଳୟରେ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ପାଳିତ ହୋଇଛି। ସେହିଭଳି ବି ଆର ଆମ୍ବେଦକର ଏସ୍‌ସି/ଏସ୍‌ଟି ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସକାଳ ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ଯୋଗଦେଇ ପତାକା ଉତ୍ତୋଳନ କରିଥିବା ବେଳେ କର୍ପୋରେଟର ମଳୟ ବିଷୋୟୀ, ବନମାଳୀ ସେଠୀ, ସଭାପତି ଭାସ୍କର ହାତୀ, ଆଶୋକ ନିମାଇଁ, ରୋହୀତ ସେଠୀ ଓ ଟି. ବଳରାମ ଉପସ୍ଥିତ ଥିଲେ। ରାମଚନ୍ଦ୍ରପୁର ସ୍ଥିତ ବିଶ୍ୱ ନିକେତନ ଜରାନିବାସରେ ପାଳିତ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ସୁଶାନ୍ତ କୁମାର ସାବତ ଜାତୀୟ ପତକା ଉତ୍ତଳନ କରିଥିଲେ। ଲାଞ୍ଜିପଲ୍ଲୀ ସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ରରେ ଆୟୋଜିତ ସ୍ୱାଧୀନତା ଦିବସ ପାଳନ ଉତ୍ସବରେ ସଭାପତି ପ୍ରଫେସର ଡଃ ଭାସ୍କର ପାଢ଼ୀ ସମତେ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଅନୁରୂପ ଭାବେ ବ୍ରହ୍ମପୁର ମୁଖ୍ୟ ପୁଲିସ କାର୍ଯ୍ୟାଳୟରେ ଏହି ଦିବସ ପାଳିତ ହୋଇଥିଲା । ଏଥିରେ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏଏସପି ସୀମା ସ୍ୱାଇଁ, ଏଏସପି କୈଳାସ ଚନ୍ଦ୍ର ବୁରୁଦାଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ ହାବିଲଦାର ଓ କନେଷ୍ଟବଳ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ବ୍ରହ୍ମପୁର କୋର୍ଟ ପରିସରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଜିଲ୍ଲା ଜଜ ଡ଼ା ଭାଗ୍ୟଲକ୍ଷ୍ମୀ ରଥ ଜାତୀୟ ପତାକା ଉତ୍ତୋଳନ କରିବା ସହ ନିଜର ଅଭିଭାଷଣ ରଖିଥିଲେ। ଏଥିରେ ସମସ୍ତ ଜଜ, ପିପି, ଏପିପି ଓ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଆୟୋଜିତ ସ୍ୱାଧୀନତା ଦିବସରେ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘର ସମ୍ପାଦକ ଟି. ଭେଙ୍କେଟ ରାଓ, ଉପସଭାପତି ଟି.କେ ରେଡ୍ଡି, ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ବରିଷ୍ଠ ଆଇନଜୀବୀ ଓ ଯୁବ ଆଇନଜୀବୀ ଉପସ୍ଥିତ ଥିଲେ।

## ବିଜେପି ପକ୍ଷରୁ ସ୍ୱାଧୀନତା ଦିବସରେ ତ୍ରିରଙ୍ଗା ଯାତ୍ରା



ବ୍ରହ୍ମପୁର,୧୬।୮ (ସମିସ): ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ "ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋଷାଣୀନୂଆଗାଁ ମଣ୍ଡଳ ତରଫରୁ ବିଶାଳ ବାଇକ ରାଲି ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭା ନେତ୍ରୀ ବର୍ଷା ବିଦ୍ରୁସ୍ମିତା ଏବଂ ମଣ୍ଡଳ ପ୍ରତିନିଧି ମନିତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ରାଲିରେ ଜିଲ୍ଲା ସଭାପତି ସରୋଜ ସାବତ, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ, ପ୍ରଦୀପ ନାୟକ, ମେୟର ପ୍ରାର୍ଥିନୀ ସବିତା ସୁଆରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ପୁଲିସରେ ସାମିଲ ୨୩ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର,୧୬।୮(ସମିସ): ବିଭିନ୍ନ ବାଟାଲିୟନରୁ ଆସି ବ୍ରହ୍ମପୁର ପୁଲିସ ପରିବାରରେ ସାମିଲ ହୋଇଥିବା କର୍ମଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କମାପଲ୍ଲୀ ସ୍ଥିତ ବ୍ରହ୍ମପୁର ପୁଲିସ ଶାଖା ସଂଘ କାର୍ଯ୍ୟାଳୟରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅଷ୍ଟମ ବାଟାଲିୟନ, ତୃତୀୟ ବାଟାଲିୟନ, ପଞ୍ଚମ ବାଟାଲିୟନ ଓ ପ୍ରଥମ ଆଇଆରବିଏନରୁ ଆସି ବ୍ରହ୍ମପୁର ପୁଲିସ ପରିବାରରେ ସାମିଲ ହୋଇଥିବା ୨୩ଜଣ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମରେ କନେଷ୍ଟବଳ ଓ ହାବିଲଦାର ସଂଘର ସଭାପତି ନୟନ ରଞ୍ଜନ ଆଚାର୍ଯ୍ୟ, ଉପସଭାପତି ଶ୍ରୀକାନ୍ତ ପଣ୍ଡା, ସମ୍ପାଦକ ପ୍ରଶାନ୍ତ କୁମାର ମାହାରଥା, କୋଷାଧ୍ୟକ୍ଷ ଏ. ଶ୍ରୀନିବାସ ପାତ୍ର, ସିଆଇ ହାବିଲଦାର ଗୌରୀଶଙ୍କର ମିଶ୍ରଙ୍କ ସମେତ ବହୁ ସଂଘର ସଦସ୍ୟ ଉପସ୍ଥିତ ଥିଲେ।



ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ଦିବସ

## ୨୭ନଂ ୱାର୍ଡରେ ଚାରାରୋପଣ



ବ୍ରହ୍ମପୁର,୧୬।୮(ସମିସ): ସ୍ୱାଧୀନତା ଦିବସ ଉପଲକ୍ଷେ ବିଏମସି ୨୭ନଂ ୱାର୍ଡ ପତିତପାବନ ନଗରରେ ଚାରାରୋପଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ ୨୧ ନମ୍ବର କର୍ପୋରେଟର ଡି.କରୁଣା କର ଓ ପୂର୍ବତନ କର୍ପୋରେଟର ଭାଗିରଥି ଚୌଧୁରୀ ଯୋଗ ଦେଇଥିଲେ। ସ୍ଥାନୀୟ କର୍ପୋରେଟର ନୀଳକଣ୍ଠ ସାହୁ ଓ ଅଞ୍ଚଳବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମରେ ଆୟୋଜିତ ହୋଇଥିଲା।

## ଆଇ ଫିଟନେସ୍ ଜିମ୍ ପକ୍ଷରୁ ସ୍ୱାଧୀନତା ଦିବସ



ବ୍ରହ୍ମପୁର,୧୬।୮(ସମିସ): ଗାନ୍ଧୀନଗର ନିକଟସ୍ଥ 'ଆଇ ଫିଟନେସ୍ ଜିମ୍' ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଜିମ୍‌ର ସ୍ଥାପକ ଓ ପ୍ରଶିକ୍ଷକଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ହିଁ ଜୀବନ ବିଷୟରେ ଆଲୋଚନା ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ଅଙ୍କୁଜ ଶର୍ମା, ସମାଜସେବୀ ତଥା ମଡେଲର ଏସ୍ ଅଜିତ୍ ପାତ୍ର, ଗୁରୁପ୍ରୀଟ ସିଂହ, ଗଣେଶ ନାୟକ, ମିନତି ପଣ୍ଡା, ଗିର୍ଜନନ୍ଦନ ମିଶ୍ର, ଟ୍ରିନର୍ସ ରାକେଶ ସାବତ, ଶୁଭଶ୍ରୀ ସାହୁ, ସୁନୀଲ ରାଓ, ବାଳ ରାଜୁ, ଆଶୁତୋଷ ଦାଶ ଓ ଆଲୋକ ଦାଶଙ୍କ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶରତ ଗମାଙ୍ଗ ଓ ସୋନମ୍ବୁ ଦାସ, ସହଯୋଗୀ ପତିତପାବନ ଚୌଧୁରୀ ଓ ରୋହିତ ଦଳେଇଙ୍କୁ ସମ୍ମାନିତ କରାଯାଇଥିଲା।

## କ୍ରାନ୍ତି ପକ୍ଷରୁ ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ




ବ୍ରହ୍ମପୁର,୧୬।୮(ସମିସ): ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପ୍ରେକ୍ଷାଳୟ ପରିସରରେ କ୍ରାନ୍ତି ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ମା' ତୁଝେ ସଲାମ୍' ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ଼ ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତ ବିକ୍ରମ କୁମାର ପଣ୍ଡା, ବିଏମସି ପୂର୍ବତନ ମେୟର ଶିବ ଶଙ୍କର ଦାସ, ବିଜେଡ଼ି ନେତା ଡ. ଭଗବାନ ଗନ୍ତାୟତ, ଆଇଏସ୍‌ଆରଡି ନିର୍ଦ୍ଦେଶକ ସୁଧୀର କୁମାର ସାବତ, ସନ୍ତୋଷ କୁମାର ଜେନା ଓ ମହାନ୍ ସଂଘ ସଭାପତି ସୁଶାନ୍ତ ସାବତ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ଲାଞ୍ଜିଆ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ କାହ୍ନୁ ଚରଣ ପାତ୍ର, ନାଟ୍ୟ ସଂଗଠକ ଅନିଲ କୁମାର ପାତ୍ର ଓ ସାମ୍ବାଦିକ ସୁନିର କୁମାର ବିଶ୍ୱାସ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଶେଷରେ ନିର୍ମଳା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ସର୍ବଭାରତୀୟ ଇଣ୍ଡିପେଣ୍ଡେନ୍ସ କପ୍ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟ




ବ୍ରହ୍ମପୁର,୧୬।୮(ସମିସ)

ଓଡିଶା ବାସ୍କେଟବଲ ଆସୋସିଏସନର ସହଯୋଗରେ ତଥା ମଡର୍ଣ୍ଣ ୟୁଥ କ୍ଲବ ଓ ଆଲ୍ଫା ସ୍ପୋର୍ଟିଂ କ୍ଲବର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରସ୍ଥ ସ୍ପୋର୍ଟସ୍ ଏରିନାରେ ପ୍ରଥମ ଇଣ୍ଡିପେଣ୍ଡେନ୍ସ କପ୍ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଛି। ୭୯ତମ ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ ଏହି ଦିବାରାତ୍ର ଟୁର୍ଣ୍ଣାମେଣ୍ଟ ତିନିଦିନ ଧରି ଅର୍ଥାତ୍ ୧୭ତାରିଖ ପର୍ଯ୍ୟନ୍ତ ଚାଲିବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ଆୟୋଜିତ ଏହି ସର୍ବଭାରତୀୟ ବାସ୍କେଟବଲ ପ୍ରତିଯୋଗିତାରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ (ତାମିଲନାଡୁ), ଦକ୍ଷିଣପୂର୍ବ ରେଳବାଇ (କୋଲକୋତା), ଶତିଶଗଡ ଓ ବିଳାସପୁର ସମେତ ରାଉରକେଲା, କଟକ, ଓଡିଶା ରାଜ୍ୟ ଟିମ୍ ସମେତ ଗଞ୍ଜାମ ଦଳ ସାମିଲ ହୋଇଛନ୍ତି। ଲିଗ କମ୍ ନକଆଉଟ ପଦ୍ଧତିରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ଆସନ୍ତା ୧୭ତାରିଖ ରବିବାର ଦିନ ହେବ। ଉଦ୍‌ଘାଟନୀ ଅବସରରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମର କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ଭାରତୀୟ ବାସ୍କେଟବଲ ଦଳର ଅଧିନାୟକ ରିୟାଜ ଉଦ୍ଦିନ ଓ ଓଡିଶା ବାସ୍କେଟବଲ ସଂଘର ସମ୍ପାଦକ ଅଶୋକ ସାହୁ ଯୋଗ ଦେଇଥିଲେ। ଶେଷରେ ବରିଷ୍ଠ କୋଚ ଶରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାର ବିଜେତା ଦଳକୁ ନଗଦ ୫୦ହଜାର ଓ ଉପ ବିଜେତା ଦଳକୁ ନଗଦ ୩୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରାଯିବ ବୋଲି ଜଣାପଡିଛି। ଟୁର୍ଣ୍ଣାମେଣ୍ଟରେ ବହୁ ତାରକା ବାସ୍କେଟବଲ ଖେଳାଳି ଅଂଶଗ୍ରହଣ କରିଥିବାରୁ ଜାତୀୟ ତଥା ଆନ୍ତର୍ଜାତୀୟସ୍ତରର ଖେଳାଳିଙ୍କ ଖେଳ ପ୍ରଦର୍ଶନ ଦେଖିବାକୁ ବହୁ ସଂଖ୍ୟାରେ ଦର୍ଶକଙ୍କ ସମାଗମ ହେଉଛି।



ସକାଳ THE SAKALA



www.sakalaepaper.com

## ଗଜପତି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

# 'ବ୍ରିଟିଶ ବିରୋଧରେ ହୀରାମଣିଙ୍କ ଲଢ଼େଇ ଆମ ପାଇଁ ଆଦର୍ଶ'

ପାରଳାଖେମୁଣ୍ଡି, ୧୬ ।୮ (ସମିସ)




ଗଜପତି ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଗଜପତି ଷ୍ଟାଡ଼ିୟମରେ ପାଳନ କରାଯାଇଥିଲା। ବାଣିଜ୍ୟ ଓ ପରିବହନ, ଇସ୍ପାତ୍ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ୧୯୯୨ ଅକ୍ଟୋବର ୨ରେ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଲାଭ କରିଥିବା ଐତିହ ସମ୍ପନ୍ନ ଗଜପତି ଜିଲ୍ଲାର ଦେଶ ଭକ୍ତ ସଂଗ୍ରାମୀମାନେ ବ୍ରିଟିଶ ବିରୁଦ୍ଧରେ ପ୍ରଥମେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। କେବଳ ପୁରୁଷମାନେ ନୁହନ୍ତି ଏ ମାଟିର ହୀରାମଣି ବିଷୋୟୀ, ନିଜର ଦିବଂଗତ ସ୍ୱାମୀ କୃଷ୍ଣଚନ୍ଦ୍ର ବିଷୋୟୀଙ୍କ ଆନ୍ଦୋଳନକୁ ତୀବ୍ର କରିବାକୁ ନିଜେ ସେନାପତିର ଦାୟିତ୍ୱ ନେଇ ଇଂରେଜୀ ବାହିନୀ ବିରୁଦ୍ଧରେ ତୀବ୍ର ଯୁଦ୍ଧ କରିଥିଲେ ଯାହା ଏ ମାଟିର ପ୍ରତ୍ୟେକ ରମଣୀ ପାଇଁ ଆଦର୍ଶ ସୃଷ୍ଟି କରିଛି ବୋଲି କହିଥିଲେ। ଏହି ଅବସରରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଜାତୀୟ ଉତ୍ସବରେ ଜିଲ୍ଲାପାଳ ମଧୁମିତା, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ. ନାଗାରାଜୁ, ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନି ମାଝୀ ଓ ମୁନିନ୍ଦ୍ର ହୋନେଗା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, କମାଣ୍ଡାଣ୍ଟ ୩ୟ ବାଟାଲିୟନ ଅଶୋକ କୁମାର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି ଓ ଉପଜିଲ୍ଲାପାଳ ଅନୁପ ପଣ୍ଡା ଉପସ୍ଥିତ ଥିଲେ। ପରେଡକୁ ଆର୍‌ଆଇଅଫ୍ ପୁଲିସ୍ ନିରଞ୍ଜନ ନାୟକ ପରିଚାଳନା କରିଥିଲେ। ପରେଡରେ ୨୬ ଦଳ ଭାଗ ନେଇ ଥିବାବେଳେ ବରିଷ୍ଠ ବିଭାଗରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରଥମ ଓ ମହିଳା ମହାବିଦ୍ୟାଳୟ ପାରଳାଖେମୁଣ୍ଡି ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ସେହିପରି କନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ସେଣ୍ଟ ଭିନିସେଣ୍ଟ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ଓ ଦ୍ୱିତୀୟ ସ୍ଥାନ ରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଙ୍କ ତତ୍ୱାବଧାନରେ ହୋଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ସହଯୋଗ କରିଥିଲେ।

## ● କନ୍ଧମାଳ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

# 'କଷ୍ଟଲବ୍ଧ ସ୍ୱାଧୀନତା ବଜାୟ ରଖିବାକୁ ଆହ୍ୱାନ'

ଫୁଲବାଣୀ, ୧୬।୮ (ସମିସ): କନ୍ଧମାଳ ଜିଲ୍ଲା ସଦର ମହକୁମାର ଫୁଲବାଣୀ ମାଦିକୁନ୍ଦା ପୁଲିସ ରିଜର୍ଭ ପଡ଼ିଆରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶକୁ ସ୍ୱାଧୀନ କରିବା ପାଇଁ ବଳିଦାନ ଦେଇଥିବା ମହାପୁରୁଷଙ୍କ ସ୍ମୃତିଚାରଣ କରି ଏହି କଷ୍ଟଲବ୍ଧ ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। କନ୍ଧମାଳ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦେଶର ସ୍ୱାଧୀନତା ଆନ୍ଦୋଳନରେ କନ୍ଧମାଳ ଜିଲ୍ଲାର ଅବଦାନ ଅବିସ୍ମରଣୀୟ ବୋଲି ମନ୍ତ୍ରୀ ଦେଇଥିଲେ। ଆୟୋଜିତ ପରେଡରେ ପୁଲିସ ବାହିନୀ ସମେତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶ୍ରେଷ୍ଠ ବିବେଚିତ ଦଳମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ଆରକ୍ଷୀ ଅଧୀକ୍ଷକ ହରିଶ ବିସିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ହର ଘର ତ୍ରିରଙ୍ଗା ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ ସେଠୀ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା।

**ବାଲିଗୁଡ଼ା:** ବାଲିଗୁଡ଼ା ମହାସିଂସ୍ଥିତ ବିଜେଡି କାର୍ଯ୍ୟାଳୟରେ ମୁଖ୍ୟଅତିଥି ଭାବରେ ବାଲିଗୁଡ଼ା ବ୍ଲକ ସଭାପତି ତଥା ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥି ରୂପେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ଯୋଗ ଦେଇଥିଲେ। ଏହାପରେ ଯୋଗଦାନ ଦେଇଥିବା ସହ ସହ ବିଜେଡି କର୍ମୀ ଙ୍କ ସହ ଏକ ସଭାର ଆୟୋଜନ କରାଯାଇଥିଲା।

ସେହିପରି ବାଲିଗୁଡା ମିନିଷ୍ଟାଡିୟମରେ ଅନୁଷ୍ଠିତ ଉତ୍ସବରେ ଉପଜିଲ୍ଲାପାଳ ପ୍ରଣୀତା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥିଭାବେ ବାଲିଗୁଡା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦଙ୍କ ସହିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହାପରେ ଉପଜିଲ୍ଲାପାଳ ବାଲିଗୁଡ଼ା ମୁଖ୍ୟ ଚିକିତ୍ସାଳୟ, କାରାଗାର ଓ ବନବାସୀ ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରିଥିଲେ।





## ଅପହଞ୍ଚ ସିଣ୍ଡିବୁରରେ ପତାକା ଉତ୍ତୋଳନ କଲେ ବିଧାୟକ

### ରାସ୍ତା ପାଇଁ ଦେଲେ ପ୍ରତିଶ୍ରୁତି, ଗାଁରେ ମିଳିବ ଭତ୍ତା

ଗୁମ୍ମା, ୧୬।୮ (ସମିସ): ପାହାଡ଼ ପର୍ବତ ଶିଖରରେ ଅବସ୍ଥିତ ଗୁମ୍ମା ବ୍ଲକ ଭୁବନି ପଞ୍ଚାୟତ ସିଣ୍ଡିବୁର ଗ୍ରାମବାସୀ ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ। ପକ୍କା ରାସ୍ତା, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟାଳୟ, ସରକାରୀ ସୁବିଧା ପାଇବାକୁ ହେଲେ ୧୫କିମି ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଏ ସମ୍ପର୍କରେ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ଖବର ଜାଣିବା ପରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ୭୯ତମ ସ୍ୱାଧୀନତା ଦିବସ ଉକ୍ତ ସିଣ୍ଡିବୁର ଗ୍ରାମରେ ପାଳିବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ ଶୁକ୍ରବାର ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଉକ୍ତ ଗାଁକୁ ପାଦଚଲା ଘାଟି ବହାଡ଼ ରାସ୍ତାରେ ୪କିମି ଚାଲିଚାଲି ଯାଇ ଗ୍ରାମବାସୀଙ୍କ ସହିତ ମିଶି ପତାକା ଉତ୍ତୋଳନ କରିଥିଲେ। ଗାଁକୁ ପକ୍କା ରାସ୍ତା ନଥିବାବେଳେ ବିଧାୟକ ପାଣ୍ଠିରୁ ଉକ୍ତ ଗାଁର ରାସ୍ତା ନିର୍ମାଣ ପାଇଁ ୪ଲକ୍ଷ ଟଙ୍କା ପ୍ରଦାନ ସହିତ ସିଣ୍ଡିବୁର ଗ୍ରାମର ବିକାଶ ତ୍ୱରାନ୍ୱିତ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ସହ ଗୁମ୍ମା ବିଡ଼ିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର, ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ଗୋସାଣୀ ବ୍ଲକ ଅଧକ୍ଷ, ବିଜେଡ଼ି ଆଦିବାସୀ ନେତା ଜେମ୍ସ ରାଇକା, ବିଜେଡି ଜିଲ୍ଲା ସଭାପତି ପ୍ରଦୀପ କୁମାର ନାୟକ, ସ୍ଥାନୀୟ ସରପଞ୍ଚ/ସମିତି ସଭ୍ୟ, ପ୍ରୀତମ ପାଳ, ଅଜୟ ବଡ଼ ନାୟକ ଓ ବହୁ ସଂଖ୍ୟାରେ ବିଜେଡି ନେତା ଚାଲି ଚାଲି ଉକ୍ତ ଗାଁକୁ ଯାଇଥିଲେ। ଏନେଇ ବିଡ଼ିଓ ଶ୍ରୀ ମାରାଣ୍ଡି ସିଣ୍ଡିବୁର ଗ୍ରାମ ପାଇଁ ବ୍ଲକ ଏବଂ ପଞ୍ଚାୟତସ୍ତରରୁ ପକ୍କା ରାସ୍ତା ନିର୍ମାଣ ଯଥାଶୀଘ୍ର ଆରମ୍ଭ କରିବା ସହ ବାର୍ଦ୍ଧକ୍ୟ ଭତ୍ତା ଗାଁକୁ ଯାଇ ଦିଆଯିବ ବୋଲି କହିଛନ୍ତି।



**ବ୍ରାହ୍ମଣୀଗାଁ:** ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଅଞ୍ଚଳରେ ଥିବା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରଠାରୁ ଆରମ୍ଭ କରି ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଥାନା, ଲ୍ୟାମ୍ପ୍ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ତଥା ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ପ୍ରଭାତଫେରି ସହ ପତକା ଉତ୍ତୋଳନ କରାଯାଇଥିଲା। ଛାତ୍ରଛାତ୍ରୀ ସହର ପରିକ୍ରମା କରି ସ୍ଥାନୀୟ ଥାନା ପରିସରରେ ଏକତ୍ର ହୋଇଥିଲେ। ସେଠାରେ ଥାନାର ଭାରପ୍ରାପ୍ତ ଅଧିକାରୀବିଜୟ କୁମାର ହାଇବୁରୁ ପତକା ଉତ୍ତୋଳନ କରିଥିଲେ। ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।



**ରାଇକିଆ:** ରାଇକିଆ ବିଜୟ ହାଇସ୍କୁଲ୍‌ରେ ଅନୁଷ୍ଠିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ରାଇକିଆ ବିଡିଓ ସବ୍ୟସାଚୀ ସାହୁ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ଶିକ୍ଷା କ୍ଷେତ୍ରରେ ଟପ୍ପର ମାନଙ୍କୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ତହସିଲଦାର ଦିଲୀ ବେହେରା, ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସତ୍ୟବାନ୍ ପାତ୍ର, ଏମପି ପ୍ରତିନିଧି ସନ୍ତୋଷ ଲେଙ୍କା, ବିଧାୟକ ପ୍ରତିନିଧି ତାରିଣୀ ପରିଛା, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ବେରେଡ଼ାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, ବିଇଓ କେଶବ ମଲ୍ଲିକଙ୍କ ସମେତ ବିଦ୍ୟାଳୟର ଛାତ୍ରୀ ଛାତ୍ର, ଶିକ୍ଷକ, ଶିକ୍ଷୟତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ପ୍ରମୁଖ ଯୋଗ ଦେଇଥିଲେ।

**ଜି.ଉଦୟଗିରି:** ଜି.ଉଦୟଗିରି ହାବକ ହାଇସ୍କୁଲ ଖେଳପଡ଼ିଆରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ପାଳିତ ହୋଇଥିବା ବେଳେ ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ସହିତ ବିଭିର୍ନ ସଂଗଠନ ତରଫରୁ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଉପଖଣ୍ଡସ୍ତରୀୟ ଉତ୍ସବରେ ଅତିରିକ୍ତ ଉପଜିଲ୍ଲାପାଳ ଶରତ ଚନ୍ଦ୍ର ମଲିକ ପତାକା ଉତ୍ତୋଳନ କରି ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ମିଳିତ ପରେଡ଼ରେ ହାବକ ହାଇସ୍କୁଲ ଏନସିସିର ବରିଷ୍ଠ ଏବଂ କନିଷ୍ଠ ବିଭାଗରେ ପ୍ରଥମ ହୋଇ ପୁରସ୍କୃତ ହୋଇଥିଲା। ସେହିଭଳି ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସମ୍ପାଦକ ଅରୁଣକୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ପରିଷଦ ଅଧକ୍ଷା ଦେବସ୍ମିତା ଶତପଥୀ ଅତିଥି ଭାବେ ଯୋଗ ଦେଇ ପତାକା ଉତୋଳନ କରିଥିଲେ। ବ୍ୟବସାୟୀ ସଙ୍ଘରେ ସଭାପତି ସମୀର କୁମାର ପାଢ଼ୀ, ଇନ୍ଦିରା ପ୍ରିୟଦର୍ଶିନୀ ମହିଳା କଲେଜରେ ଅଧକ୍ଷ ଶିବରାମ ସାହୁ, ପ୍ରେସ କ୍ଲବରେ ସଭାପତି ରାମକୃଷ୍ଣ ଚୌଧୁରୀ, କୁଇ ସମାଜରେ କୁଇସାମଜ କୋଷାଧ୍ୟକ୍ଷ ଉଦେଶନ ପ୍ରଧାନ, ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଶାଖା ପରିଚାଳକ ଜ୍ୟୋତି ରଞ୍ଜନ ରାଉତ, କଟିଙ୍ଗିଆରେ କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



**ଗୁମ୍ମା:** ଗୁମ୍ମା ବ୍ଲକ ଆଦର୍ଶ ବିଦ୍ୟାଳୟରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଧାୟକ ଗୁମ୍ମା ଖ୍ରୀଷ୍ଟିଆନ ସାହିରେ ଓ ତାଙ୍କଲଡ଼ା ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟଅତିଥି ଭାବେ ବିଡ଼ିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର, ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ବିଦ୍ୟାଳୟ ଅଧକ୍ଷ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଗୁମ୍ମା ବ୍ଲକ କାର୍ଯ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା।




**ପାରଳାଖେମୁଣ୍ଡି:** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠରେ ଥିବା ମାନସିକ ଅନଗ୍ରସର ନିୟତି ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଅଧକ୍ଷା ସ୍ନେହଲତା ପାଣିଗ୍ରାହୀଙ୍କ ଅଧକ୍ଷତାରେ ହୋଇଥିବା ଉତ୍ସବରେ ଡାଇଟ୍‌ର ଅଧକ୍ଷ ଡାକ୍ତର ମୁର୍ମୁ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦିକା ତନୁଜା ଶତପଥୀ, କୋଷାଧକ୍ଷ ଲୋକନାଥ ମିଶ୍ର, କାର୍ଯ୍ୟକାରୀ ସଭାପତି ହରି ମୋହନ ପଟ୍ଟନାୟକ, ସଞ୍ଜୟ ମଲ୍ଲିକ, ମୁଖଲିଙ୍ଗ ଗଡ଼ିକାକା ମଧ ନିଜ ବକ୍ତବ୍ୟ ରଖିଥିଲେ।



**ନୂଆଗଡ଼:** ନୂଆଗଡ଼ ବ୍ଲକ ସଦରମହକୁମାସ୍ଥିତ ଲକ୍ଷ୍ମୀନୃସିଂହ ବିଦ୍ୟାପୀଠ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ପ୍ରଥମେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟମାନେ ବଜାର ପରିକ୍ରମା କରିଥିଲେ। ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର ଯୋଗ ଦେଇ ପତାକା ଉତୋଳନ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଜୀ, କାନାରା ବ୍ୟାଙ୍କ ପରିଚାରକ ଶ୍ରୀକାନ୍ତ ପାଣିଗ୍ରାହୀ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



**ଦାରିଙ୍ଗବାଡି:** ଦାରିଙ୍ଗବାଡି ଆଇଟିଆଇ ପଡ଼ିଆରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସରେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ଅଧକ୍ଷ ସୁଶାନ୍ତକୁମାର ପ୍ରଧାନଙ୍କ ସମେତ ବିଡ଼ିଓ ପ୍ରୀତିରଞ୍ଜନ ରଥ, ଅତିରିକ୍ତ ତହସିଲଦାର ସ୍ୱାଇଁ, ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ, ପ୍ଲୀହେରି ସରପଞ୍ଚ ପାଉଲ ପ୍ରଧାନ ଉପସ୍ଥିତ ଥିଲେ। ମୁଖ୍ୟଅତିଥିଙ୍କୁ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡ଼ିଓ ପ୍ରୀତିରଞ୍ଜନ ରଥ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ସଞ୍ଜୟ ରଥ, ଡିଏସପି ତଥା ଦାରିଙ୍ଗବାଡି ଥାନା ଅଧିକାରୀ କନକ କୁମାର ମାଝୀ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ପତିତପାବନ ରାଉତ ପ୍ରମୁଖ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପରେଡ଼ ପ୍ରତିଯୋଗିତାରେ ଜଜ୍ ଭାବେ ଅଗ୍ନିଶମ ବିଭାଗର ଅଧିକାରୀ ଧବଳେଶ୍ୱର ପ୍ରଧାନ, ପୁଲିସ ବିଭାଗର ଭାଗବତ ପ୍ରସାଦ କହଁର ଏବଂ ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ।



**ମୋହନା:** ମୋହନା ତହସିଲ କାର୍ଯ୍ୟାଳୟ ଏବଂ ସାମ୍ବାଦିକ ସଙ୍ଘ କାର୍ଯ୍ୟାଳୟରେ ତହସିଲଦାର ଚକ୍ରଧର ପାଢ଼ୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ଜୟ ପଣ୍ଡା, ବନବିଭାଗ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପ୍ରସାଦ ବିଷୋୟୀ, ଥାନାରେ ସେକେଣ୍ଡ ଅଫିସର ଜୟନ୍ତୀ ପୂର୍ତ୍ତି ଏବଂ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ କର ପତାକା ଉତ୍ତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ୮ ତାରିଖରେ ଆୟୋଜିତ ଜିଲ୍ଲାସ୍ତରୀୟ ନାଚ, ଗୀତ, ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତାରେ ମୋହନାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ କୃତିତ୍ୱ ଅର୍ଜନ କରି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ପୁରସ୍କୃତ ମଧ ହୋଇ ମୋହନା ପାଇଁ ଗୌରବ ଆଣିଛନ୍ତି।




**କାଶୀନଗର:** କାଶୀନଗର ବ୍ଲକ ଓ ଏନ୍‌ଏସିର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ଅଧକ୍ଷା ବି.ସାୟାମ୍ମା ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ଉମ୍ବରୁଧର ମଲ୍ଲିକ ବକ୍ତବ୍ୟ ରଖିଥିଲେ। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ରାଜ୍ୟ ସଭାପତି କବି ପ୍ରଶାନ୍ତ ମିଶ୍ର ବକ୍ତା ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଥାନାରେ ଆଇଆଇସି ସୁନୀଲ କୁମାର ବେହେରା ଓ ତହସିଲରେ ତହସିଲଦାର ସୁଧୀର କୁମାର ନନ୍ଦ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ପଞ୍ଚାୟତ କାର୍ଯ୍ୟାଳୟ ଓ ପାଠାଗାରରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ସେହିପରି ପ୍ରଥମ ଥର ପାଇଁ କାଶୀନଗର ବାରାଣସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ବିଭିନ୍ନ କଳା ପ୍ରଦର୍ଶନ କରି ଦେଶ ଭକ୍ତି ଦେଖାଇଥିଲେ।



# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ









ଛତ୍ରପୁର,୧୬।୮(ସମିସ): ୭୯ତମ ସ୍ୱାଧୀନତା ଦିବସ ଜିଲ୍ଲା ସଦର ମହକୁମା ଛତ୍ରପୁରରେ ପାଳିତ ହୋଇଯାଇଛି। ଛତ୍ରପୁର ସ୍ଥିତ ପୁଲିସ ପରେଡ ପଡିଆ ଠାରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବେତ ଜନତାଙ୍କୁ ଉଦବୋଧନ ଦେଇ କହିଥିଲେ ସ୍ୱାଧୀନତା ସଂଗ୍ରାମରେ ଓଡିଶା ତଥା ଗଞ୍ଜାମର ଅବଦାନ ଅତୁଳନୀୟ। ଜିଲ୍ଲାସ୍ତରୀୟ ପରେଡ୍‌ରେ ୩୫ଟି ଦଳ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକାଙ୍କ ସଂଯୋଜନାରେ ପରେଡ୍ କମାଣ୍ଡର ଆର୍.ଆଇ.ଅଫ୍ ପୁଲିସ୍ ଅମୂଲ୍ୟ ନାୟକ ଏବଂ ସେକେଣ୍ଡ-ଇନ୍-କମାଣ୍ଡ ସର୍ଜେଣ୍ଟ ବିକାଶ ଚନ୍ଦ୍ର ସେନାପତି ପ୍ୟାରେଡ୍ ପରିଚାଳନା କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଗଞ୍ଜାମ ପୋଲିସ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଦେବବ୍ରତ ପଣ୍ଡା, ସୁନୀଲ କୁମାର କେର୍କେଟାଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲ୍ଲା ମାଧମିକ ଶିକ୍ଷା ପରିଷଦ ପରୀକ୍ଷା-୨୦୨୫ ଟପ୍ପର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର, ବ୍ରହ୍ମପୁରର ଆଶୁତୋଷ ସେଠୀ ଓ ସୁଶ୍ରୀ ଅର୍ପିତା ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉପଲକ୍ଷେ ଛତ୍ରପୁର ସ୍ଥିତ ଖେଳ ପଡିଆରେ ପ୍ରଶାସନ ଏକାଦଶ ଏବଂ ଛତ୍ରପୁର ପ୍ରେସ କ୍ଲବ୍ ଏକାଦଶଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ବିଜୟ ହାସଲ କରିଥିଲା। ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଦେବବ୍ରତ ପଣ୍ଡା, ସୁନୀଲ କୁମାର କେର୍କେଟା ଉପ ଜିଲ୍ଲାପାଳ ଶିବାଶୀଷ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏବଂ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍ ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହାକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ମିଶ୍ର ପରିଚାଳନା କରିଥିଲେ।

**ଭଞ୍ଜନଗର:** ସ୍ଥାନୀୟ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ଗୃହରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ସ୍ୱାଧୀନତା ଦିବସରେ ଅବସରପ୍ରାପ୍ତ ତହସିଲଦାର ପ୍ରମୋଦ କୁମାର ଦଳବେହେରା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସଂଘ ସଭାପତି ବିଭୂତି ଭୂଷଣ ଜେନା ସଭା ପରିଚାଳନା କରିଥିବାବେଳେ ଅମର ବିଳାସ ବେହେରା, ପଦ୍ମନାଭ ପ୍ରଧାନ, ପର୍ଶୁରାମ ସ୍ୱାଇଁ, ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ, ସୁବାସ ଚନ୍ଦ୍ର ତାରିଣୀ ମଞ୍ଚାସୀନ ଥିଲେ। ଅନିଲ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ

**ବେଗୁନିଆପଡା:** ବେଗୁନିଆପଡା ବ୍ଲକ ଓ କୋଦଳା ଏନଏସି ର ବିଭିନ୍ନ ସରକାରୀ /ବେସରକାରୀ କାର୍ଯ୍ୟାଳୟ, ଶିକ୍ଷ୍ୟା ଅନୁଷ୍ଠାନ ଦଳୀୟ କାର୍ଯ୍ୟାଳୟ ଗୁଡିକରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବେଗୁନିଆପଡା ବ୍ଲକ ପରିସରରେ ଅଧକ୍ଷା ରେଣୁ ଗୌଡ଼ ପତାକା ଉତ୍ତୋଳନ କରିଥିବା ବେଳେ, ବିଡ଼ିଓ ସସ୍ମିତା ଶତପଥୀଙ୍କ ସମେତ ଏବିଡ଼ିଓ ନିରଞ୍ଜନ ବେହେରା ଓ ସମସ୍ତ



ବ୍ଲକ କର୍ମକର୍ତ୍ତା ଉପସ୍ଥିତ ଥିଲେ, ବେଗୁନିଆପଡା ଥାନାରେ ସବ ଇନିସ୍ପେକ୍ଟର ଟୁନା ପୀଡିକା ପତାକା ଉତ୍ତୋଳନ କରିଥିବା ବେଳେ ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ହୋଇଥିଲା। କୋଦଳା ତହସିଲ କାର୍ଯ୍ୟାଳୟରେ ତହସିଲଦାର ସସ୍ମିତା ଶତପଥୀ, ଥାନା ଠାରେ ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ଏନ୍‌ଏସି କାର୍ଯ୍ୟାଳୟ ଠାରେ ଅଧକ୍ଷ୍ୟ ସୂର୍ଯ୍ୟ ନାରାୟଣ ନାୟକ ପତାକା ଉତ୍ତୋଳନ କରିଥିବା ବେଳେ ଉପାଧକ୍ଷ୍ୟ ରଞ୍ଜିତା ସେଠୀ,କାଉନ ସିଲର, ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ପରିମଳ ବିଶେଷଜ୍ଞ ଚନ୍ଦ୍ରକାନ୍ତ ମାରାଣ୍ଡିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସ୍ୱଧୀନତା ଦିବସ ପାଳିତ ହୋଇଯାଇଛି। କାଉନସିଲର ଏସ. କମଳା, ସଂଯୁକ୍ତା ପ୍ରଧାନ, ସୁଦେଷ୍ଣା ପ୍ରଧାନ, ନିବେଦିତା ବେହେରା, ପଲ୍ଲବୀ ସାହୁ, ସ୍ୱପ୍ନାରାଣୀ ପାଳ, ଲକ୍ଷ୍ମୀପ୍ରିୟା ସାହୁ, ଆଶାଲତା ବିବି, ନିର୍ବାହୀ ଅଧିକାରୀ, ଅଧକ୍ଷ ବିକ୍ରାନ୍ତ କୁମାର ସାହୁ, ମନୋରଞ୍ଜନ ମହାପାତ୍ର, ଦେବୀପ୍ରସାଦ ସ୍ୱାଇଁ, ବିପିନ ବିହାରୀ ଶତପଥୀ, ଶ୍ରୀକାନ୍ତ ମହାପାତ୍ର, ଜଗଦୀଶ ମିଶ୍ର, ମନମୋହନ ଜେନା, ବିଶ୍ୱଜିତ ମହାପାତ୍ର, ଅଶୋକ କୁମାର ଜେନା ପ୍ରମୁଖ ମଂଚାସୀନ ଅତିଥି ଥିଲେ।

**ରମ୍ଭା:** ଶୁକ୍ରବାର ରଘୁନାଥପୁର ଠାରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ସ୍ୱାଧିନତା ଦିବସରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଣ୍ଡା ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା ସସ୍ମିତା ମହାରଥୀ, ଜ୍ୟୋତିମୟୀ ଦାସ, ସ୍ୱପ୍ନାରାଣୀପାତ୍ର, ସନ୍ଧ୍ୟା ପ୍ରଧାନ, ମାମାଲି ସାହୁ, ଜାଗୃତି ସାହୁ, ବିଦେଶିନୀ ମାଳି, ପୂଜା ସ୍ୱାଇଁ,ସିଲି ପଲାଇ,ସୁନିତା ସାହୁ, ସୂର୍ଯ୍ୟ



କାନ୍ତି ନାହାକ, ସ୍ମୃତିରେଖା ବେହେରା, ଦେବାଶିଷ ବେହେରା ସମତେ ସମସ୍ତ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ।

**ପୋଲସରା:** ପୋଲସରା ଓ ଆଖପାଖ ଅଞ୍ଚଳରେ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ ପତାକା ଉତ୍ତୋଳନ କରିଥିବା ବେଳେ ଏନଏସି କାର୍ଯ୍ୟାଳୟରେ ଅଧକ୍ଷା ସଂଗୀତା ବେହେରା ପତାକା ଉତ୍ତୋଳନ କରିଥିଲେ। ସେହିପରି ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି।

**ଖଲ୍ଲିକୋଟ:** ଖଲ୍ଲିକୋଟ ବ୍ଲକ, ଏନ୍‌ଏସି ଓ ଖଲ୍ଲିକୋଟ ଥାନାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ଦେବାଶିଷ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଅଧକ୍ଷା କୁମାରୀ ଦାଶ, ବିଜେପି ଘୁମୁସର ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ତଥା ଯୁବ ବିଜେପି ନେତା ଅରୁଣ କୁମାର ଖୁଣ୍ଟିଆ, ପ୍ରଦୀପ୍ତ କୁମାର ପଟ୍ଟନାୟକ, ସୁଭଜିତ କୁମାର, ଶମ୍ଭୁ ପ୍ରଧାନଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ସାନଖେମୁଣ୍ଡି:** ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧକ୍ଷ ସୀମାଞ୍ଚଳ ପାତ୍ର ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ ଯୋଗ ଦେଇଥିଲେ। ସାନଖେମୁଣ୍ଡି ତହସିଲ୍ କାର୍ଯ୍ୟାଳୟ ରେ ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟରେ ସୁଶ୍ରୀ ସୋରେନ ବସ୍ତିଆ, ପାଟପୁର ଥାନାରେ ଆଇଆଇସି ଦୀପ୍ତି ରଞ୍ଜନ ବେହେରା, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ସିଡ଼ିପିଓ ଭବାନୀ ବେହେରା ପତାକା ଉତ୍ତୋଳନ କରିଥିଲେ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ପିଙ୍କି ବେହେରା ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ଶରତ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ,ବିଚାର ବିଭାଗୀୟ ଅଦାଲତରେ ଆସିଷ୍ଟାଣ୍ଟ ସେସନ୍ ଜଜ୍ ଶରତ କୁମାର ସାହୁ ପତାକା ଉତ୍ତୋଳନ କରିଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଅନନ୍ୟା ଅପରମିତା ଉପସ୍ଥିତ ଥିଲେ। ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଏସଡିପିଓ ସୁଜିତ କୁମାର ନାୟକ, ଥାନାରେ ଥାନା ଅଧିକାରୀ ରାଜେଶ କୁମାର ନାୟକ, ପ୍ରେସ କ୍ଲବ, ହିନ୍ଦୀ ପ୍ରଚାର ସଭାରେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ରଥ, ଏନଏଏସିରେ ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ବିନୋଦ କୁମାର ବେହେରା, ସନ ସାଇନ୍ ଇଣ୍ଟରନେସନାଲ୍ ସ୍କୁଲରେ ସଭାପତି ପ୍ରଫୁଲ୍ଲ କୁମାର ରଥ ପତକା ଉତ୍ତୋଳନ କରିଥିବା ବେଳେ ଅଧକ୍ଷ ସୁନୀଲ କୁମାର ମହାନ୍ତି ଉପସ୍ଥିତ ରହି ଜାତୀୟ ସଙ୍ଗୀତ ଗାନ କରିଥିଲେ।

**ବେଲଗୁଣ୍ଠା:** ବେଲଗୁଣ୍ଠା, ବ୍ଲକ ଓ ଏନଏସିର ବହୁ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବରେ ବେଲଗୁଣ୍ଠା ତହସିଲଦାର/ବିଡ଼ିଓ କଳାକୃଷ୍ଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ପରେଡରେ ଥିବା ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ଛାତ୍ରଛାତ୍ରୀଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ନାରାୟଣ ସାହୁ, କାଉନସିଲର ଦିବ୍ୟ ରଞ୍ଜନ ଦାଶ,ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ମହାପାତ୍ର ଓ ସନ୍ତୋଷ କୁମାର ପଣ୍ଡା,ସାଇ ଆଇଟିଆଇ ଅଧକ୍ଷ ମଧୁସୂଦନ ମହାପାତ୍ର, ସାହିତ୍ୟ ଘର ସଭାପତି ମୋତିଲାଲ ପତି, ସମାଜସେବୀ ଭି.ଦେବୀ ପ୍ରସାଦ ପାତ୍ର, ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ, ବେଲଗୁଣ୍ଠା ସମବାୟ ସମିତି ଲିଃ ସଭାପତି ସନ୍ତୋଷ କୁମାର ସୁବୁଦ୍ଧି, ଶିକ୍ଷାବିତ୍ ରବୀନ୍ଦ୍ରନାଥ ଚୌଧୁରୀ ଯୋଗଦେଇଥିଲେ। ପ୍ରେସ୍ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପସ୍ଥିତ ଥିବା ବେଳେ ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି ସଂଯୋଜନା କରିଥିଲେ।

**ବୁଗୁଡ଼ା:** ବୁଗୁଡ଼ା ମିଡିଆ କ୍ଲବରେ ସଭାପତି ଅନିଲ ପଟ୍ଟନାୟକ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସଭାପତି ୟୁ.ପୂର୍ଣ୍ଣଚନ୍ଦ୍ର ପାତ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଭାପତି ପ୍ରମୋଦ ଚନ୍ଦ୍ର ସେନାପତି , ନିୟୁଏରା ପବ୍ଲିକ୍ ସ୍କୁଲରେ ସଭାପତି କାଳୀ ଚରଣ ଦାଶ, ବି.ଏନ୍.ପବ୍ଲିକ୍ ସ୍କୁଲରେ ଏମ୍‌ଡି ଚନ୍ଦନ ଚର୍ଚ୍ଚିତ ପାତ୍ର, ପିପୁଲ୍ଲ ହାଇସ୍କୁଲରେ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା, ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ କୃଷ୍ଣପ୍ରିୟା ମହାରଣା, ପିପୁଲ୍ଲ କଲେଜରେ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ର, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ମନୋଜ କୁମାର ସ୍ୱାଇଁ, ମାଣିତରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଅନୁପ କୁମାର ପଣ୍ଡା, ବାଲିପଦର ଡିଗ୍ରୀ କଲେଜରେ ଅଧକ୍ଷ ଗୋପୀନାଥ ମହାନ୍ତି ଓ ଫାଣ୍ଡିରେ ଅଧିକାରୀ କେ.ନିଳାଦ୍ରୀ ରେଡି, ଏନ୍‌ଏସି କାର୍ଯ୍ୟାଳୟରେ ଅଧକ୍ଷ ଚିତ୍ରସେନ ପ୍ରଧାନ, ବ୍ଲକ କାର୍ଯ୍ୟାଳୟରେ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ତାପସ ରାଉତ, ଜେଏମ୍‌ଏଫ୍‌ସି କୋର୍ଟରେ ବିଚାରପତି ସୁଧାଶ୍ରୀ ସୁରଝାଲିଆ, ପୁଲିସ ଥାନାରେ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।



**ଦିଗପହଣ୍ଡି:** ଦିଗପହଣ୍ଡି ଦେୱାନି ଅଦାଲତ ପରିସରରେ ବରିଷ୍ଠ ବିଚାରପତି ମହାଶ୍ୱେତା ପରିଜା ପତାକା ଉତ୍ତୋଳନ କରିଥିବା ବେଳେ ଜେଏମ୍‌ଏଫସି କୋର୍ଟର ମାଜିଷ୍ଟ୍ରେଟ ନୀଳିମା ଷଡ଼ଙ୍ଗୀ, ଖେମୁଣ୍ଡି ଓକିଲ ସଂଘର ସଦସ୍ୟ ଓ ବିଚାର ବିଭାଗୀୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲଦାର ସନ୍ତୋଷ କୁମାର ସାହୁ, ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅଧକ୍ଷା ଯମୁନା ନାଇକ ପତାକା ଉତ୍ତୋଳନ କରିଥିବା ବେଳେ ବିଡ଼ିଓ ଅନାମିକା ପାଣ୍ଡେ, ଏବିଡିଓ ଉମେଶ ସେଠୀ, ଆଇନଜୀବୀ ହରପ୍ରସାଦ ରଥ, ନକୁଳ ପ୍ରଧାନ, ବିଏସଏସଓ ରଶ୍ମି ପ୍ରକାଶିନୀ ଜାନି ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଖେମୁଣ୍ଡି ଓକିଲ ସଂଘରେ ସଭାପତି ହୃଦୟରଞ୍ଜନ ମେକାପ, ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ସିଡିପିଓ ପୁଷ୍ପାଞ୍ଜଳି ଶତପଥି, ଦିଗପହଣ୍ଡି ପୋଲିସ ଥାନାରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର, ବୀଣାପାଣି ନର୍ସରୀ ସ୍କୁଲରେ ସମ୍ପାଦକ ବଳରାମ ମହାରଣା, ପୂର୍ତ୍ତ ବିଭାଗ କାୟର୍ଯାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. କାର୍ତ୍ତିକେଶ୍ୱର ପ୍ରଧାନ, ଗୋଷ୍ଠି ଶିକ୍ଷା କାୟର୍ଯାଳୟରେ ଶିକ୍ଷାଧିକାରୀ କୋରେଶ୍ମ ସେଠୀ, ବାଲାଜୀ କ୍ଲବରେ ଆଇନଜୀବି ହରପ୍ରସାଦ ରଥ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।




**ଧରାକୋଟ:** ଧରାକୋଟ ରଥପଦା ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ପରେଡରେ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ତହସିଲ କାର୍ଯ୍ୟାଳୟରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଥାନାରେ ଥାନା ଅଧିକାରି ଚନ୍ଦ୍ରିକା ସ୍ୱାଇଁ, ବ୍ଲକ କାର୍ଯ୍ୟାଳୟରେ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଶଙ୍କର ନାରାୟଣବେହେରା, ସରକାରୀ ଯୁକ୍ତ ତିନି ମହାବିଦ୍ୟାଳୟରେ ଅଧକ୍ଷ ଡ ସୁଜିତ କୁମାର ପଣ୍ଡା ପତାକା ଉତ୍ତୋଳନ କରିଥିବା ବେଳେ ଅତିଥି ଭାବରେ ସାମ୍ବାଦିକ ହୃଦାନନ୍ଦ ଜେନା ଉପସ୍ଥିତ ରହିଥିଲେ। ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଅଧ୍ୟାପକ ବଳରାମ ସ୍ୱାଇଁ, ଶିଶୁବିକାଶ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ପଶୁ ଚିକିତ୍ସାଳୟରେ ଡାକ୍ତର କିରଣ ବିଷୋୟୀ, ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଇଂ ତୁଷାର ପାଢ଼ୀ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛଅ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



**ଆସିକା:** ଆସିକା ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷ ତ୍ରିବେଣୀ ନାହାକ, ବିଡ଼ିଓ ଲିପିନା ଦାସ, ତହସିଲ କାର୍ଯ୍ୟାଳୟ ରେ ତହସିଲଦାର ସଙ୍ଗୀତା ସେନ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ଅଧକ୍ଷା ବିନେତା ସ୍ୱାଇଁ ଓ ରାଜେଶ କୁମାର ମହାପାତ୍ର, ପୁଲିସ ଥାନାରେ ଆସିକା ଉପ ଖଣ୍ଡ ଆରକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନା ଓ ଥାନା ଅଧିକାରୀ କୁଳମଣୀ ସେଠୀ, କୋଟିନଡା ଥାନାରେ ଥାନା ଅଧିକାରୀ ଦାମୋଦର ବିହାରୀ, ବନ ବିଭାଗରେ ରେଞ୍ଜର ପ୍ରମୋଦ କୁମାର ପଣ୍ଡା ଓ ଶରତ କୁମାର ବେହେରା ପ୍ରମୁଖ ପତାକା ଉତୋଳନ କରିଥିଲେ।

**ଶେରଗଡ:** ଶେରଗଡ ବ୍ଲକ ପରିସରରେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ତହସିଲ ପରିସରରେ ତହସିଲଦାର ତ୍ରିଦେବ ରଥ, ଶେରଗଡ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ମାଜିଷ୍ଟ୍ରେଟ ଶ୍ରୀକାନ୍ତ କୁମାର ପାଢୀ, ଓଡିଶା ମୋଟର ଚାଳକ ସଂଘ ଶେରଗଡ ଶାଖା ଓ ଶେରଗଡ ମିଡିଆ ହାଉସ ପକ୍ଷରୁ ସଭାପତି ମେଘନାଦ ଦାସ, ଶେରଗଡ ଥାନା ପରିସରରେ ଥାନାଧିକାରୀ ବରେନ୍ଦ୍ର ସିଅଳ, ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ, କରଡାକଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡଃ ବିଘ୍ନେଶ୍ୱର ପାଣିଗ୍ରାହୀ, ପିଡବ୍ଲ୍ୟୁଡି କାର୍ଯ୍ୟାଳୟ ପରିସରରେ କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢୀ ପତାକା ଉତ୍ତୋଳନ କରିଥିଲେ।



**ପାତ୍ରପୁର:** ପାତ୍ରପୁର କୋର୍ଟରେ ବିଚାରପତି କ୍ରିଷ୍ଣା ମିଶ୍ର, ବ୍ଲକ୍ କାର୍ଯ୍ୟାଳୟ ଠାରେ ଅଧକ୍ଷା ୱାଇ. ସଂଯୁକ୍ତା, ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭାରପ୍ରାପ୍ତ ଅଧିକାରୀ ଡା. ସମ୍ବିତ ବେଗରାୟ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ଜରଡା ଥାନା ଠାରେ ଥାନା ଅଧିକାରୀ ଟୁନା ସାସମଲ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପତାକା ଉତ୍ତୋଳନ କରିଥିଲେ।

**ସୋରଡ଼ା:** ସୋରଡାରେ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ ପତାକା ଉତ୍ତୋଳନ କରିଥିବାବେଳେ ଏନଏସି ଅଧକ୍ଷ ଶିବ ଶଙ୍କର ପଣ୍ଡା, ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ ଯୋଗ ଦେଇ ଗଞ୍ଜାମ ଜିଲ୍ଲାରେ ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ରକ୍ରିୟାକରଣରେ ସମ୍ମାନିତ ହୋଇଥିବା ହେତୁ ଆଜି ବିଧାୟକ ପୁରସ୍କୃତ କରିଥିଲେ। ତହସିଲଦାର ତଥା ବିଡିଓ ତନ୍ମୟ ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ମଣ୍ଡଳ, ଏନଏସି ଅଧକ୍ଷ ଶିବ ଶଙ୍କର ପଣ୍ଡା, ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ, ଥାନାଅଧିକାରୀ ଅନୀଲ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

## ସ୍ୱାଧୀନତା ଦିବସକୁ ଭୁଲିଗଲେ ବ୍ୟାଙ୍କ୍ କର୍ମଚାରୀ

ପାତ୍ରପୁର,୧୬।୮(ସମିସ): ପାତ୍ରପୁର ବ୍ଲକ ଜରଡ଼ା ସ୍ଥିତ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରେ ୭୯ତମ ସ୍ୱାଧୀନତା ଦିବସ ପାଳନ କରାଯାଇନଥିବା ଅଭିଯୋଗ ହୋଇଛି। ସୂଚନା ପ୍ରକାରେ କୌଣସି କର୍ମଚାରୀ ଶାଖା କାର୍ଯ୍ୟାଳୟ ମଧ ଉପସ୍ଥିତ ହୋଇନଥିଲେ କି ସ୍ୱାଧୀନତା ଦିବସ ପାଳନ କରିନଥିଲେ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଅଧିକ ସୂଚନା ଶାଖା ପରିଚାଳକ ସଞ୍ଜୀବ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବା ପ୍ରକାଶ କରିବା ସହ ସ୍ୱାଧୀନତା ପାଳନ ସଂକ୍ରାନ୍ତରେ ସନ୍ତୋଷଜନକ ଉତ୍ତର ଦେଇନଥିଲେ।








